# ତହସିଲ କାର୍ଯ୍ୟାଳୟ ମାଥିଲି , ଜିଲ୍ଲା–ମାଲକାନଗିରି

## OFFICE OF THE TAHASILDAR, MATHILI, DIST- MALKANGIRI

Mob No. 9836533179 e mail id- tah.mathili-od@nic.in

ବିଜ୍ଞପ୍ତି ସଂଖ୍ୟା. 2545 /XXX-25/2021 (ସୈରାତ) ତାରିଖ:-01.09.2021

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ- 2016 ଓ ସଂଶୋଧନ ଆଇନ -୨୦୧୮ ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ମାଥିଲି ତହସିଲ ଅନ୍ତର୍ଗତ ସାରଣୀଭୁକ୍ତ ଲଘୁ ଖଣିଜ ସୈରାତ ଉତ୍ସ ଗୁଡିକର ଓଡ଼ିଶା ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ଏହାର ସଂଶୋଧନ ଆଇନ -୨୦୧୮ (Odisha Minor Mineral Concession-OMMC, Rules-2016 & its Ammendment-2018) ମୁତାବକ ଆସନ୍ତା **୫(ପାଞ୍ଚ)** ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016 ର ଫର୍ମ-M (Form-M) ପୂରଣ କରି ଏହାର ତିନିକିତା ଅବିକଳ ନକଲ ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ ଭାବରେ ଜଉମୁଦ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ରଡାକ (Speed post) ମାଧ୍ୟମରେ ପଠାଇପାରିବେ । ସମସ୍ତ ଦରଖାସ୍ତ **ସାରଣୀ-କ** ରେ ଦିଆଯାଇଥିବା ଠିକଣାରେ ସମ୍ପୃକ୍ତ ପର୍ଯ୍ୟାୟର ଶେଷ ତାରିଖ ଓ ସମୟ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ହସ୍ତଗତ ହେବା ଆବଶ୍ୟକ । ଯଦି ପ୍ରଥମ ପର୍ଯ୍ୟାୟରେ କିଛି ଦରଖାସ୍ତ ଆସି ନ ଥାଏ କିମ୍ବା ଆସିଥିବା ସମସ୍ତ ଦରଖାସ୍ତ ନାକଚ ହୋଇ ସୈରାତ ଉତ୍ସ ଚୁଡାନ୍ତ ନ ହୁଏ, ତେବେ ସେଗୁଡିକ ଚୁଡାନ୍ତ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଦରଖାସ୍ତ ଆହ୍ୱାନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଆସିଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନେଇ ଲିଜ୍ ଚୁଡାନ୍ତ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଚୂଡାନ୍ତ ହୋଇ ନ ଥିବା ଉତ୍ସ ତୃତୀୟ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଆସିଥିବା ଦରଖାସ୍ତ ଗୁଡିକୁ ଯାଞ୍ଚ କରି ସର୍ବୋଚ୍ଚ ନିଲାମ ଧାରୀଙ୍କୁ ଲିଜ୍ ଦିଆଯିବ । ଯଦି କୌଣସି ସୈରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି, ନିର୍ଦ୍ଧାରିତ ତୃତୀୟ ପର୍ଯ୍ୟାୟ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯାଇ ସମସ୍ତ ସର୍ତ୍ତ ପୂରଣ ହେଉଥିଲେ ଲିଜ ଚୂଡ଼ାନ୍ତ କରାଯିବାପାଇଁ ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । **ଦରଖାସ୍ତ ଯାଞ୍ଚ ଓ ଲିଜ ଚୁଡାନ୍ତ ସ୍ଥାନ-ତହସିଲଦାରଙ୍କ ପ୍ରକୋଷ୍ଠ ,ତହସିଲ କାର୍ଯ୍ୟାଳୟ,ମାଥିଲି, ଜିଲ୍ଲା-ମାଲକାନଗିରି**

### ସାରଣୀ-କ

| ପର୍ଯ୍ୟାୟ ସଂଖ୍ୟା | ଦରଖାସ୍ତ ଆହ୍ୱାନର ଶେଷ ତାରିଖ | ସମୟ ଅପରାହ୍ନ | ଦରଖାସ୍ତ ଯାଞ୍ଚ ଓ ଲିଜ ଚୂଡାନ୍ତ ତାରିଖ | ସମୟ ପୂର୍ବାହ୍ନ | ମନ୍ତବ୍ୟ |
|---|---|---|---|---|---|
| ପ୍ରଥମ ପର୍ଯ୍ୟାୟ | ୧୬.୦୯.୨୦୨୧ | ୫.୦୦ ସୁଦ୍ଧା | ୧୭.୦୯.୨୦୨୧ | ୧୨.୦୦ | ପ୍ରଥମ ପର୍ଯ୍ୟାୟରେ ଚୂଡାନ୍ତ ହୋଇସାରିଥିବା ଉତ୍ସ ପରବର୍ତ୍ତୀ ପର୍ଯ୍ୟାୟରେ ବିଚାରକୁ ନିଆଯିବ ନାହିଁ |
| ଦ୍ୱିତୀୟ ପର୍ଯ୍ୟାୟ | ୨୩.୦୯.୨୦୨୧ | ୫.୦୦ ସୁଦ୍ଧା | ୨୪.୦୯.୨୦୨୧ | ୧୨.୦୦ | |
| ତୃତୀୟ ପର୍ଯ୍ୟାୟ | ୨୯.୦୯.୨୦୨୧ | ୫.୦୦ ସୁଦ୍ଧା | ୩୦.୦୯.୨୦୨୧ | ୧୨.୦୦ | |

| ପ୍ରେରକ, | ପ୍ରାପ୍ତେଷୁ, |
|---|---|
| ସୈରାତ ଉତ୍ସର ନାମ * ............................................ | ତହସିଲଦାର, ମାଥିଲି |
| ଆବେଦନକାରୀଙ୍କ ନାମ ............................................ | ଗ୍ରା/ପୋ- ମାଥିଲି, |
| ସଂପୂର୍ଣ୍ଣ ଠିକଣା ............................................ | ଜିଲ୍ଲା- ମାଲକାନଗିରି, ପିନ୍-764044 |
| ଫୋନ ନଂ ............................................ | ଫୋନ - 9836533179 |

**** ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ ନ ଥିଲେ ସେହି ଦରଖାସ୍ତ ବିଚାରକୁ ନିଆଯିବନାହିଁ ଓ ତାହା ନାକଚ କରାଯିବ ।***

ଠିକା ପେଟିକା ଓ ଡାକ ମାଧ୍ୟମରେ ହସ୍ତଗତ ହୋଇଥିବା ସମସ୍ତ ଦରଖାସ୍ତ ତହସିଲ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଉପରେ ଦର୍ଶାଇଥିବା ପର୍ଯ୍ୟାୟ ତାରିଖ ପ୍ରକାରେ ଲିଜ୍ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ- 2016 ରେ ବର୍ଣ୍ଣିତ ପ୍ରକାରେ ଠିନିକିତା ଫାରମ-ଏମ (Form-M) ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

## ଦରଖାସ୍ତ ସହ ବାଧ୍ୟତା ମୂଳକ ଭାବେ ଦାଖଲ କରିବାକୁଥିବା ଦସ୍ତାବିଜ

*( ଏଥି ମଧ୍ୟରୁ କୌଣସି ଗୋଟିଏ ବା ତଦୁର୍ଦ୍ଧ କାଗଜାତ ନଥିଲେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ )*

**A.** ଲିଜ୍ ଧାରୀଙ୍କ ପାନକାର୍ଡ (PAN CARD) ଏବଂ ଆଧାର ବା ଭୋଟର ପରିଚୟପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ଯେକୌଣସି ପ୍ରମାଣ ପତ୍ର ସହ ପୂରଣ କରାଯାଇଥିବା ଫର୍ମ-ଏମ୍ (Form-M)ର ଠିନିକିତା ନକଲ ।

**B.** ଦରଖାସ୍ତ ଫି ବାବଦକୁ **ଟ.୧,୦୦୦(ଏକ ହଜାର)ଙ୍କାର ଟ୍ରେଜେରୀ ଚାଲାଣ** ପ୍ରଦାନ କରିବାର ପ୍ରମାଣ । ଟ୍ରେଜେରୀ ଚାଲାଣ ଏହି ଖାତାରେ ଦାଖଲ କରିବେ **(Head of Account-0853-Non-Ferrous Mining and Metallurgical Industries-102-Mineral concession Fees, Rents and Royalties)** । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

**C.** ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇବାର ଏକ ସତ୍ୟପାଠ (Affidavit) ।

**D.** ଚୁକ୍ତିରକ୍ଷା ପ୍ରଦତ୍ତ ଅର୍ଥ ବା EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରିଥିବାର ପ୍ରମାଣ । ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity-MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫(ପାଞ୍ଚ) ଭାଗ ତହସିଲଦାର, ମାଥିଲିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ଦରଖାସ୍ତ ସହ ସଂଲଗ୍ନ କରିବେ ଯାହାକି ଷ୍ଟେଟବ୍ୟାଙ୍କ ମାଥିଲି ଶାଖାରେ ପ୍ରାପ୍ତ ହେବ , ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । **[EMD = 5% of {MGQ x (Royalty + Additional Charges)}]**

**E.** ତହସିଲଦାର, ମାଥିଲିଙ୍କ ନାମରେ **ବନ୍ଧକ(Pledge)** ହୋଇଥିବା ଓ ଯାହାର ଅବଧି ସର୍ବନିମ୍ନ ଅଠର ମସ ବା ତାଠାରୁ ଅଧିକ ଥିବା ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) ପତ୍ର ପ୍ରଦାନ କରିବେ । ଯାହାର ମୂଲ୍ୟ ନିମ୍ନମତେ ନିର୍ଦ୍ଧାରଣ ହୋଇଥିବା ଆବଶ୍ୟକ । **Bank Guarantee = Minimum Guaranteed Quantity X (Offered Additional Charges + Royalty) for one whole year. ଉଦାହରଣ:- ଧରାଯାଉ ଗୋଟିଏ ସୈରାତ ଉତ୍ସର MGQ= 5000 Cum , Offered Additional Charges=Rs 200 per Cum , ଓ Royalty=Rs 130 per Cum. ତେବେ ବ୍ୟାଙ୍କ ପ୍ରତ୍ୟାଭୂତି ମୂଲ୍ୟ ହେବ 5000 X (200+130)= Rs 16,50,000/- କିମ୍ବା** ଅନୁନ୍ୟ ବର୍ଷକ ମଧ୍ୟରେ ନିର୍ଗମନ ହୋଇଥିବା ସମମୂଲ୍ୟର ଏକ ଶୋଧକ୍ଷମ ପ୍ରମାଣ ପତ୍ର **(SOLVENCY CERTIFICATE)** ମଧ୍ୟ ପ୍ରଦାନ କରିପାରିବେ ।

**F.** ଗତବର୍ଷର ଆୟକର ଦାଖଲ (Income Tax Return Filling) ସମ୍ବନ୍ଧୀୟ ବିବରଣୀର ନକଲ ।

**G.** ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଆବେଦକଙ୍କ ସ୍ଥାବର ସମ୍ପତି (Immovable Property) ବିବରଣୀ ।

**H.** ଉତ୍ସର ନାମ, ତଫସିଲ ଓ ସରହଦ୍ ର ବିବରଣୀ ଥିବା ଏକ ରେଖା ମାନଚିତ୍ର (Sketch Map) ସଂଲଗ୍ନ କରିବେ ।

ନିମ୍ନ ସର୍ତ୍ତାବଳୀ ଗୁଡିକ ଅନୁପାଳନ କରାଯିବ

1. ଆବେଦନକାରୀମାନେ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଏହାର ସଂଶୋଧନ ଆଇନ -୨୦୧୮ (Odisha Minor Minerals Concession Rules- 2016 ଓ OMMC Amendment Rules-2018)ର ପରିସର ଭୁକ୍ତ ରହିବେ ।
2. ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଯେପରିକି ***ଜନ ଅସନ୍ତୋଷ ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ*** ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ଦେୟର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
4. ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରାଜଭାଗ ବା ରୟାଲଟୀ (Royalty) ସହ ସର୍ବାଧିକ ଅତିରିକ୍ତ ଦେୟ (Additional Charges) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ । ଯଦି ୧(ଏକ)ରୁ ଅଧିକ ଦରଖାସ୍ତକାରୀ ସମାନ ଓ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।
5. ଯୋଗ୍ୟ ବିବେଚିତ ଅବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ **ଫର୍ମ–F** ରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ଲିଖିତ ରୂପରେ ପ୍ରଦାନ କରିବେ ଓ ଅମାନତ ରାଶି (Security Deposit-SD) ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି ହିସାବରେ ରଖାଯିବ । ଏହା ବାର୍ଷିକ ଦେୟର ଏକ ଚତୁର୍ଥାଂଶ ଅର୍ଥ (EMD) କୁ ବାଦଦେଇ ହିସାବ କରାଯିବ, ଅର୍ଥାତ **SD=25% of [{MGQ x (Royalty + Additional Charges)}+DMF]-EMD**
6. ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ସମ୍ମତି ପ୍ରଦାନ ନ କରନ୍ତି ଏବଂ ଅମାନତ ରାଶି ପୈଠ ନ କରନ୍ତି, ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବ । ପରବର୍ତ୍ତୀ ବ୍ୟକ୍ତି ଅନିଚ୍ଛୁକ ହେଲେ ସମ୍ପୃକ୍ତ ଉତ୍ସକୁ ପୁନର୍ବାର ନିଲାମ ପ୍ରକ୍ରିୟାରେ ସାମିଲ କରାଯିବ ।
7. ଚୁଡାନ୍ତ ହୋଇଥିବା ଲିଜ୍ ଧାରୀ ସୂଚନା ପାଇବାର ୨୧(ଏକୋଇଶି) ଦିନ ମଧ୍ୟରେ ଖଣିଜଦ୍ରବ୍ୟ ଉତ୍ତୋଳନ ଯୋଜନା (Mining Plan) Form-O ରେ ଏବଂ ପରିବେଶ ମଞ୍ଜୁରୀ (Environment Clearance) ସର୍ତ୍ତାବଳୀର ସମ୍ମତି ଲିଖିତ ରୂପରେ ପ୍ରଦାନ କରି Form-N ରେ ୫ (ପାଞ୍ଚ)ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିବେ । ନଚେତ୍ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ କରୁଥିବା ଲିଜ୍ ଧାରୀଙ୍କୁ ସେହି ଉତ୍ସ ପ୍ରଦାନ କରାଯିବ ।
8. ଲିଜଧାରୀ ସମସ୍ତ ସରକାରୀ ଦେୟ ଯଥା, ଜମିପୃଷ୍ଠ ଶୁଳ୍କ (Surface Rent), ଜମି ଉର୍ବରତା ନଷ୍ଟ ଶୁଳ୍କ (Dead Rent), ରାଜ ଶୁଳ୍କ (Royalty), ଅତିରିକ୍ତ ଦେୟ (Additional Charges), ଜିଲ୍ଲା ଖଣିଜ ପାଣ୍ଠି (District Mineral Fund-DMF),ପରିବେଶ ପରିଚାଳନା ପାଣ୍ଠି (Environment Management Fund-EMF) କ୍ଷତିପୂରକ ବନୀକରଣ ପାଣ୍ଠି (Compensatory Afforestation Fund-CAF) ଏବଂ ଆୟକର ର ସମ୍ପୂର୍ଣ୍ଣ ରାଶିକୁ ଚୁକ୍ତି ପତ୍ର ସଂପାଦନ ହେବା ପୂର୍ବରୁ ***ଏକକାଳୀନ ୧(ଏକ) ବର୍ଷ ପାଇଁ ଆଗୁଆ ପ୍ରଦାନ କରିବେ । ପ୍ରତ୍ୟେକ ବର୍ଷ ଉପରୋକ୍ତ ସରକାରୀ ଦେୟ ପ୍ରଥମ ବର୍ଷ ଦେୟ ତାରିଖର ଏକ ମାସ ପୂର୍ବରୁ ପରବର୍ତ୍ତୀ ବର୍ଷ ନିମନ୍ତେ ସମ୍ପୂର୍ଣ୍ଣ ରାଶି ଦାଖଲ କରିବେ ।***
9. ଖଣିଜଦ୍ରବ୍ୟ ଉତ୍ତୋଳନ ଯୋଜନାରେ (Mining Plan) ଉଲ୍ଲିଖିତ ପରିମାଣ ବା ତଦୁର୍ଦ୍ଧ ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆବଶ୍ୟକୀୟ ଅନୁଜ୍ଞାପତ୍ର (Transit Pass) ନିର୍ଦ୍ଧାରିତ ମୂଲ୍ୟ ବଦଳରେ ଫର୍ମ-Y (Form-Y) ରେ ଯୋଗାଇ ଦିଆଯିବ ।
10. ଚୁକ୍ତିପତ୍ର ସମ୍ପାଦନ କରିବା ଦିନଠାରୁ ଲିଜ୍ ଅବଧି ଆରମ୍ଭ ବୋଲି ଗଣାଯିବ ଏବଂ ଯଦି ଲିଜଧାରୀ କୌଣସି ସର୍ତ୍ତାବଳୀ ଖିଲାପ ନ କରନ୍ତି ତେବେ ତାହା ଚୁକ୍ତିପତ୍ର ସମ୍ପାଦନ ଦିନଠାରୁ ଆଗାମୀ ୫(ପାଞ୍ଚ) ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।
11. ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

12. ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ଅତିକମରେ ୧୦(ଦଶ)ଟି ସିମେଣ୍ଟଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

13. ସମସ୍ତ ବିଜ୍ଞାପନ ଖର୍ଚ୍ଚ ସବୁ ସୈରାତ ଉତ୍ସର ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

14. ଖଣିଜଦ୍ରବ୍ୟ ସଂରକ୍ଷଣ ନିର୍ଦ୍ଧାରଣ ବିବରଣୀ (Reserve Assessment Report), ଖଣିଜଦ୍ରବ୍ୟ ଉତ୍ତୋଳନ ଯୋଜନା ଏବଂ ପରିବେଶ ମଞ୍ଜୁରୀ ବାବଦକୁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

15. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board (SPCB) ଠାରୁ ପରିଚାଳନା ସମ୍ମତି ପତ୍ର (Consent to Operate & Consent to Establishment Order) ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ପରିଚାଳନା ସମ୍ମତି ପତ୍ର ବିନା ଲିଜଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

16. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଖଣିଜଦ୍ରବ୍ୟ ଉତ୍ତୋଳନ ଆଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଉତ୍ତୋଳନ ଆଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

17. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.malkangiri.nic.in ରେ ମଧ୍ୟ ଦେଖିପାରିବେ ।

18. ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

19. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବାତିଲ, ସ୍ଥଗିତ ବା ବିଳମ୍ବ କରିପାରିବେ ।

20. ଦରଖାସ୍ତକାରୀ ଭିନ୍ନ ଭିନ୍ନ ସୈରାତ ଉତ୍ସ ପାଇଁ ଗୋଟିଏ ଫର୍ମରେ ଆବେଦନ ନକରି ଅଲଗା ଅଲଗା ଫର୍ମରେ ଆବେଦନକରିବେ ।

21. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

22. ଦରଖାସ୍ତକାରୀ ଚାହିଁଲେ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କଦ୍ୱାରା ମନୋନୀତ ପ୍ରତିନିଧି ଉପସ୍ଥିତ ରହିପାରିବେ ।

23. ଯୋଗ୍ୟ ବିବେଚିତ ହୋଇପାରିନଥିବା ନୀଲାମଧାରିଙ୍କ (EMD) ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରିକୃତ ହେଲାପରେ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ପାଇଲାପରେ ଫେରସ୍ତ କରାଯିବ।

24. କୋଭିଡ-19 ଭୂତାଣୁ ଜନିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଲାମଧାରୀମାନେ ଖଣିଜ ଉତ୍ତୋଳନ କରିବେ, ସେହିପରି ସେମାନେ ଅଂଶୁଘାତ ଜନିତ ନିର୍ଦ୍ଦେଶାବଳୀ ଅନୁପାଳନ କରିବେ ।

### ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ର ସଂ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ରକବା (ହେକ୍ଟର) | ଲଘୁ ଖଣିଜର ନାମ | ସର୍ବନିମ୍ନ ରାଜଭାଗ (Royalty) ଟଙ୍କା | ସର୍ବନିମ୍ନ ଅତିରିକ୍ତ ଦେୟ (Additional Charges) ଟଙ୍କା | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ – MGQ (ଘ.ମି) | ଅଗ୍ରୀମ ଅମାନତ ରାଶି (EMD) ଟଙ୍କା |
|---|---|---|---|---|---|---|---|---|---|---|---|
| ୧ | ଚାଲାଣଗୁଡା ପଥର ଖାଦାନ | ଚାଲାଣଗୁଡା | ୭୦ | ୨୧ | ପଥରବାଣି | ୦.୧୮୮ | ପଥର | ୧୩୦.୦୦ | ୧୫୦.୦୦ | ୧୦୦୦ | ୧୪୦୦୦.୦୦ |
| ୨ | ସାରଦାପୁଟ ପଥର ଖାଦାନ | ସାରଦାପୁଟ | ୯୮ | ୧୦୦୪/୧ | ଗ୍ରାମ୍ୟ ଜଙ୍ଗଲ | ୨.୨୯୨ | ପଥର | ୧୩୦.୦୦ | ୫୧.୦୦ | ୧୦୦୮୦ | ୯୧୨୨୪.୦୦ |

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା...୨୫୫୬.../୨୧ ତାରିଖ ...1.09.2021

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-ଅଧକ୍ଷ୍ୟ ଠିକା ଚୟନକର୍ତା ମାଥିଲି / ରାଜସ୍ୱ ନିରୀକ୍ଷକ ପାଙ୍ଗମ , ଚେଡେଙ୍ଗା / ସରପଞ୍ଚ ପାଙ୍ଗମ ଓ ଚେଡେଙ୍ଗା ଅବଗତି ତଥା ବିଜ୍ଞାପନ ଫଳକରେ ପ୍ରକାଶକରି ବିସ୍ତୃତଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା...୨୫୫୭.../ ୨୧ ତାରିଖ ...1.09.2021

ଏହାର ଏକକିତା ନକଲ ଜିଲ୍ଲାପାଳ, ମାଲକାନଗିରି / ଉପ-ଜିଲ୍ଲାପାଳ, ମାଲକାନଗିରି ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା...୨୫୫୮.../ ୨୧ ତାରିଖ ...1.09.2021

ଏହାର ଏକକିତା ନକଲ ମାଥିଲି ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଅବଗତି ତଥା ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା...୨୫୫୯.../ ୨୧ ତାରିଖ ...1.09.2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) ମାଲକାନଗିରିଙ୍କ ଅବଗତି ତଥା ଜିଲ୍ଲା Website ରେ ପ୍ରଦର୍ଶିତ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

## FORM-M

## Application for grant of Quarry Lease

*[See rule 27(4)]*

To

**The Tahasildar, Mathili , Dist- Malkangiri.**

Dated........./........./2021

Sir,

1. I/We submit an application for a quarry lease for ............................(mineral) for a term of ...................................... years over .................. Hc. of land in the area specified in the Annexure given below.
2. A sum of Rs. .........................Payable as fee (Non- refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 2016 has been paid in the Government Treasury at ................................................ and a receipted challan bearing number................................ dated............................ is enclosed.
3. The required particulars given below should be attached in serial order(Put a tick mark)
   i. PAN card and Aadhar or voter card in proof of identity
   ii. Treasury challan towards payment of Rs 1000/- towards application fee.
   iii. An affidavit stating that no mining due payable under the Act and Rules made there under is outstanding against the applicant.
   iv. Bank Draft towards payment of Earnest Money Deposit.
   v. Bank Guarantee as calculated on offered additional charges of the applied source.
   vi. Income Tax Return filing detail of last year.
   vii. List of immovable property from the Revenue Authority.
   viii. Sketch Map and land details of the applied source.
4. i) Name of the applicant .........................................................................................................
   a) Street ............................................... At/Po.............................................................
   b) PS ..................................................... Via.....................................................................
   c) Dist..................................................... State..............................................................
   d) PIN..................................................... Contact No.......................................................
   e) Identity Proof Number.......................................................................................................
   *(A signed Xerox copy must be attached as a proof of identity)*

   ii) Nationality of the applicant ..............................................................................................

   iii) Profession of the applicant ..............................................................................................

   IV) Particulars of the areas, mineral wise, within the State for which the applicant or any person having joint interest with him ..........................................................................................
   a) Already holds a quarry lease ..........................................................................................
   b) Has already applied for a quarry lease but not granted.......................................
   c) Being applied for simultaneously .................................................................
   d) Nature of joint interest, if any ...............................................................

   v) Means by which the minor minerals is/are to be raised, i.e. whether manual or mechanical ..............................

   vi) Manner in which the minor mineral raised to be utilized-
   (a) For manufacture .......................................
   (b) For sale .........................................................
   (c) Any other purpose .....................................

vii) Has the applicant any previous experience in quarrying/ mining? If yes, details should be given........................

viii) Financial Resources of the applicant................................................(movable property)

ix) Total investment in the operations anticipated ........................................

x) Any other particulars which the applicant wishes for furnish:

(a) Name of the village/ Forest Block.......................................................................

(b) Whether the area belongs to scheduled area..............................................................

(c) Details of the area applied for in each survey number................................................

(d) Full description of the area applied for with regard to nature features

...............................................................................................................................

(e) District.......................................................................

**5. Rate of additional charge (per cubic meter) quoted in Rupees...........................................**

**In words.......................................................................................................................**

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place .......................................

Full Signature of the Applicant

Date...........................................

*N.B: 1. If the application is signed by an authorized agent of the applicant, the Power of Attorney should be attached.*

For Paper Advt

# ତହସିଲ କାର୍ଯ୍ୟାଳୟ , ମାଥିଲି , ଜିଲ୍ଲା-ମାଲକାନଗିରି

ବିଜ୍ଞପ୍ତି ସଂଖ୍ୟା 2454 / XXX-25/2021 (ସୈରାତ) ତାରିଖ:-୦୧.୦୯.୨୦୨୧

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ମାଥିଲି ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସ ଗୁଡିକର ଓଡ଼ିଶା ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ଏହାର ସଂଶୋଧନ ଆଇନ -୨୦୧୮ ମୁତାବକ ଆସନ୍ତା **୫(ପାଞ୍ଚ)** ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016 ର ଫର୍ମ-M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି **ପ୍ରଥମ ପର୍ଯାୟ ୧୬.୦୯.୨୦୨୧ ଅପରାହ୍ନ ୫.୩୦, ଦ୍ୱିତୀୟ ପର୍ଯାୟ ୨୩.୦୯.୨୦୨୧ ଅପରାହ୍ନ ୫.୩୦, ତୃତୀୟ ପର୍ଯାୟ ଓ ଶେଷ ପର୍ଯାୟ ୨୯.୦୯.୨୦୨୧ ଅପରାହ୍ନ ୫.୩୦,** ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ୍ ସାଇଟ **www.malkangiri.nic.in** ରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

| | |
|---|---|
| ୧- ଚାଲାଣଗୁଡା ପଥର ଖାଦାନ | ୨- ସାରଦାପୁଟ ପଥର ଖାଦାନ |

ସ୍ୱା-
ତହସିଲଦାର, ମାଥିଲି